## ରୋଟାରୀ କ୍ଲବ୍ ନ୍ୟୁଭିଜନର ସେବାକାର୍ଯ୍ୟ



ବାଲେଶ୍ୱର(ଉତ୍ତର), ୨୧।୧୨(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇସ୍ଥିତ ଦେବପୂଜନ ଶିକ୍ଷାନୁଷ୍ଠାନ ପରିସରରେ ଆଜି ରୋଟାରୀ କ୍ଲବ ନ୍ୟୁଭିଜନ ତରଫରୁ ଗରିବ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କ୍ଲବର ସଭାପତି ଡ. ସତୀଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। କ୍ଲବର ପ୍ରତିଷ୍ଠାତା ସଭାପତି ମିହିର କୁମାର ପ୍ରଧାନ, ସମ୍ପାଦକ ଡ. ଅନୁପ କୁମାର ସାମଲ, ସଂଗଠନ ସମ୍ପାଦକ ଅଶୋକ କୁମାର ପ୍ରଧାନ, ଉପସଭାପତି ରାମ ନାରାୟଣ ଦାସ ମହାପାତ୍ର, ଅଜୟ କୁମାର ଦାସ ମହାପାତ୍ର, ରମେଶ ଚନ୍ଦ୍ର ପାତ୍ର, ସୁନିଲ କର, ତାପସ ଜେନା, ବିଶ୍ୱମ୍ବର ଦାସ, ଯଜ୍ଞେଶ୍ୱର ଜେନା, ମନରଞ୍ଜନ ଦାସ, କୋଷାଧକ୍ଷ ବିମଳେନ୍ଦୁ ଦେ, ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ କବି ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶାନ୍ତିଲତା ଦେ, ପ୍ରତିମା ତ୍ରିପାଠୀ, ସୁଚିତ୍ରା ଜେନାଙ୍କ ସହଯୋଗରେ ଗରିବ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

# ଜାନୁଆରୀ ୧୯ରେ ଜିଲ୍ଲାସ୍ତରୀୟ ଗଣବିକ୍ଷୋଭ

ବାଲେଶ୍ୱର,୨୧।୧୨(ସମିସ)



ଗତ ଦୁଇ ଦିନ ଧରି ସିପିଆଇଏମ୍‌ର ଜିଲ୍ଲା ସ୍ତରୀୟ କର୍ମଶାଳା ବାଲେଶ୍ୱରଠାରେ ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାନସଭାରେ ବିଧାୟକ, ପୂର୍ବତନ ବିଧାୟକ ଦରମା ଓ ପେନସନ ବୃଦ୍ଧି ସହିତ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଉପ ବାଚସ୍ପତି ମାନଙ୍କ ଦରମା ତିନି ଗୁଣା ବୃଦ୍ଧି, ଶ୍ରମିକ ବିରୋଧୀ ଚାରୋଟି କୋର୍ଡ କାର୍ଯ୍ୟକାରୀ କରିବା, ଗ୍ରାମୀଣ ଶ୍ରମିକ ମାନଙ୍କ କାମ କରିବାର ଗ୍ୟାରେଣ୍ଟି ଓ ଅଧିକାର ଥିବା ମନରେଗା ଆଇନକୁ ବାତିଲ କରି ଆଣିଥିବା ବିଭି ରାମଜି ବିଲ ବାତିଲ କରିବା, କୁଲଡିହା ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ୬କି.ମି. ମଧ୍ୟରେ ଇକୋ ସେନସିଟିଭ ଜୋନ ନାଁ ରେ ସହ ପରିବାର ଓ ଗାଁ ଗୁଡିକ ଉଠାଇଦେବା ଚକ୍ରାନ୍ତ ବିରୁଦ୍ଧରେ, କେବଳ ୮୦ ବର୍ଷର ବୃଦ୍ଧ ନୁହେଁ ସମସ୍ତ ବୃଦ୍ଧ ବୃଦ୍ଧା ଓ ଅସହାୟ ଲୋକଙ୍କୁ ୩ହଜାର ଟଙ୍କା ଭତ୍ତା, ୩ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇବା, ବିଭିନ୍ନ ଆଳ ଦେଖାଇ ଲୋକଙ୍କର ରେସନକାର୍ଡ ନ କାଟିବା, ତୁରନ୍ତ ଧାନ ମଣ୍ଡି ଖୋଲି ଧାନ କିଣିବା ପ୍ରଭୃତି ଦାବି ଉପରେ ଏହି କର୍ମଶାଳରେ ଆଲୋଚନା ହୋଇ ଆସନ୍ତା ଜାନୁଆରୀ ୧୯ରେ ଜିଲ୍ଲା ସ୍ତରରେ ଟ୍ରେଡ୍ ୟୁନିଅନ, କୃଷକ ସଂଗଠନ, କ୍ଷେତମଜଦୁର ସଂଗଠନ ତରଫରୁ ଜିଲ୍ଲାସ୍ତରୀୟ ଗଣବିକ୍ଷୋଭ ବାଲେଶ୍ୱରଠାରେ ସଂଗଠିତ କରାଯିବ ବୋଲି ଆଲୋଚନା ହୋଇଥିଲା। ଆସନ୍ତା ୨୦୨୭ ପଂଚାୟତ ନିର୍ବାଚନ ପାଇଁ ଏବେ ଠାରୁ ପଂଚାୟତ ଗୁଡିକ ଚିହ୍ନଟ କରି ନିର୍ବାଚନୀ ପ୍ରସ୍ତୁତି ପାଇଁ ଏବେ ଠାରୁ ସାଙ୍ଗଠନିକ ବ୍ୟବସ୍ଥା ନିଆ ଯିବ ବୋଲି ଦୁଇ ଦିନର କର୍ମଶାଳାରେ ଘୋଷଣା କରାଯାଇଛି। ଏହି କର୍ମଶାଳାରେ ସିପିଆଇଏମ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଦେଶ ଓରାଜ୍ୟର ରାଜନୈତିକ ଚିତ୍ର ବର୍ଣ୍ଣନା କରି କେନ୍ଦ୍ରର ମୋଦି ସରକାରଙ୍କ ଜନବିରୋଧୀ ନୀତି ଏବଂ ଅଗଣତାନ୍ତ୍ରିକ କାର୍ଯ୍ୟର ତୀବ୍ର ନିନ୍ଦା କରିଥିଲେ। ଲୋକସଭାରେ ବିରୋଧୀ ଦଳକୁ କହିବାକୁ ନ ଦେବା, ରାଜ୍ୟ ମାନଙ୍କର ଅଧିକାର ଉପରେ ଅଙ୍କୁଶ ଲଗାଇବା, ଇଡି, ସିବିଆଇକୁ ବିରୋଧୀଦଳର କଣ୍ଠରୋଧ ପାଇଁ ବ୍ୟବହାର କରିବା, ବିଚରାଳୟ ଉପରେ ହସ୍ତକ୍ଷେପ କରି ତାର ସୁବିଚାର ଉପରେ ପ୍ରତିବନ୍ଧକ ସୃଷ୍ଟି କରିବା, ଧର୍ମ ନାଁରେ ରାଜନୈତିକ ବାତାବରଣକୁ ସାମ୍ପ୍ରଦାୟିକରଣ କରିବା ପ୍ରଭୃତି ପ୍ରସଙ୍ଗ ଗୁଡିକ ଉଠାଇ ଥିଲେ। ଟ୍ରମ୍ପ ଙ୍କ ବର୍ଦ୍ଧିତ ଶୁଳ୍କ ଲାଗୁ ଫଳରେ ଦେଶ ଓ ରାଜ୍ୟରେ ଅନେକ ବେକାର ହେବାକୁ ଯାଉଛନ୍ତି। ଏସ ଆଇ ଆର ନାଁରେ ରାଜ୍ୟମାନଙ୍କରେ ବିଦେଶୀ ଲୋକ କହି ଭୋଟର ଲିଷ୍ଟରୁ ବାଦ ଦେବା କାର୍ଯ୍ୟକ୍ରମ ବିଜେପିର ଡବଲ ଇଂଜିନ ସରକାର ଯୋଜନାବଦ୍ଧ ଭାବେ କରିଚାଲିଛନ୍ତି। କର୍ମଶାଳାରେ ଅନ୍ୟତମ ବକ୍ତା ଜିଲ୍ଲା ସମ୍ପାଦକ ଶିଶିର ହୁଇ ଜିଲ୍ଲାରେ ସଂଗଠନକୁ କିପରି ବିକଶିତ କରାଯିବ ଓ ଗଣ ଓ ଶ୍ରେଣୀ ଆନ୍ଦୋଳନ ଆଞ୍ଚଳିକ ସ୍ତରରେ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ପାର୍ଟିର ବରିଷ୍ଠ ନେତା ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ଗିରି, ଶ୍ୟାମ ସୁନ୍ଦର ଜେନା, ସତ୍ୟଜିତ ଦାସ, ଗୋବିନ୍ଦ ବାରିକ, ହରପ୍ରିୟା ଜେନା, ରାଜକିଶୋର ଲେଙ୍କା, ଭଗବାନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ମାନସିକ ପୂରଣ ପରେ ବିଦ୍ୟାଳୟ ପକ୍ଷରୁ ଚଉଦ ମାଦଳ ପୂଜା



ରାଜଘାଟ, ୨୧।୧୨ (ସମିସ): ଦୀର୍ଘ ୩୩ ବର୍ଷ ପରେ ପ୍ରଭୁ ଚୈତନ୍ୟ ଦେବଙ୍କ କୃପାରୁ ମାନସିକ ପୂରଣ ହୋଇଛି। ଆଉ ମାନସିକ ପୂରଣ ହେବା ପରେ ଅନୁଷ୍ଠାନର, ଗ୍ରାମର, ଅଞ୍ଚଳର ମଙ୍ଗଳ କାମନା କରି ପ୍ରଭୁ ଚୈତନ୍ୟ ଦେବଙ୍କ ଚଉଦ ମାଦଳ ପୂଜା, ନାମ ସଙ୍କୀର୍ତ୍ତନ ଧୁମ୍ ଧାମରେ ଅନୁଷ୍ଠିତ ହୋଇଛି। ଏହି ମାନସିକ ଗୋଟିଏ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଓ ପୂର୍ଣ୍ଣାଙ୍ଗୀ କରଣ ପାଇଁ କରାଯାଇଥିଲା। ଆଜି ସେହି ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ବର୍ତ୍ତମାନର ଯୁବପିଢ଼ି ଓ ଅଞ୍ଚଳ ବାସୀଙ୍କ ପାଇଁ ସଂଘର୍ଷ ଓ ସଫଳତାର ଏକ ସ୍ୱର୍ଣ୍ଣିମ କାହାଣୀ ସାଜିଛି। ଏ ହେଉଛି ସେଇ ବିଦ୍ୟାଳୟ ଯାହା ଆଜକୁ ୩୩ ବର୍ଷ ପୂର୍ବେ ୧୯୯୨ ମସିହାରେ ଶିକ୍ଷାର ବିକାଶ ଲାଗି ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗ ରେ ଅନେକ ଦୁଃଖକଷ୍ଟ ସଂଘର୍ଷ ଭିତରେ କରୁଆ ଗଦାଧର କର ଉଚ୍ଚ ବିଦ୍ୟାଳୟ, ବେଲ ଦାଣ୍ଡିଆ ନାମ ରେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ଏଥି ସହିତ ସରକାରୀ ସ୍ତରରେ ସୁବିଧା ସୁଯୋଗ, ବିଦ୍ୟାଳୟର ପୂର୍ଣ୍ଣାଙ୍ଗିକରଣ, ବେତନ ସହିତ ସାମଗ୍ରିକ ବିକାଶ ପାଇଁ ପ୍ରଭୁ ଚୈତନ୍ୟ ଦେବଙ୍କ "ଚଉଦ ମାଦଳ' ପୂଜା ଓ ନାମ ସଙ୍କୀର୍ତ୍ତନ କରିବା ପାଇଁ ମନାସି ଥିଲେ। ଏବେ ତାହା ଝାଟିମାଟି ଚାଳ ଛପର ଘରୁ ଆରମ୍ଭ ହୋଇ, ପରେ ଇଟାକାନ୍ଥ ଆଜବେଷ୍ଟସ ଘରୁ ଆଜି ସ୍ମାର୍ଟ କ୍ଲାସ ରୁମ୍, ଡିଜିଟାଲ ବ୍ଲାକବୋର୍ଡ଼୍, ଆଧୁନିକ ବେଞ୍ଚ ଡେସ୍କ ସହିତ ଦୁଇ ମହଲା କୋଠାଘର ହୋଇ ବେସ୍ ଦମ୍ଭ ସହକାରେ ଛିଡା ହୋଇଛି। ସେଦିନ ମାତ୍ର ନଅ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଶିକ୍ଷକ ଶିକ୍ଷୟତ୍ରୀ ବିନା ଦରମାରେ, ଦୁଃଖ କଷ୍ଟ ଭିତରେ ତହିଁ ନିଷ୍ଠା ସହକାରେ ଶିକ୍ଷାଦାନ କରି ଚାଲିଥିଲେ। ମାତ୍ର ଆଜି ୩୩ବର୍ଷ ପରେ ସମୟ ବଦଳିଛି, ଆଉ ଆଜି ସେଦିନର ଝାଟି ମାଟି ଚାଳ ଛପର ଘର ନାହିଁ, କିମ୍ବା ଖରା ବର୍ଷାର ଭୟ ନାହିଁ, ଆଜି ବିଦ୍ୟାଳୟ ରୂପ ରଙ୍ଗ ବଦଳିଛି, ଶିକ୍ଷକ ଶିକ୍ଷୟତ୍ରୀ ଶତ ପ୍ରତିଶତ ଦରମା ପାଉଛନ୍ତି, ଛାତ୍ରଛାତ୍ରୀ ସରକାରୀ ସୁବିଧା ସୁଯୋଗ ପାଉଛନ୍ତି। ଆଜି ସ୍ଥାନୀୟ ଅଞ୍ଚଳରେ ଏହା ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ବେଶ୍ ଆଦୃତ ହୋଇ ପାରିଛି। ପୂଜା ଅବସରରେ ମହିଳାମାନେ ସୁବର୍ଣ୍ଣରେଖା ନଦୀରୁ କଳସ ଶୋଭାଯାତ୍ରା କରିଥିବା ବେଳେ ସ୍ୱତନ୍ତ୍ର ଭାବେ ପଶ୍ଚିମବଙ୍ଗର ପ୍ରତିଷ୍ଠିତ କାକରାଜିତ୍ ମହାପ୍ରଭୁଙ୍କ ଦେବ ଦୁର୍ଲଭ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ବେଶ୍ ଭିଡ ଜମିଥିଲା। କାର୍ଯ୍ୟକ୍ରମକୁ ବସ୍ତା ଏସଡିପିଓ ମାନସ ଦେଓ, ସୁମନ୍ତ ଦାସ ଉଦଘାଟନ କରିଥିବାବେଳେ ବିଶିଷ୍ଟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇଥିଲେ।

## ଟେଙ୍ଗରାମାରୀ ସେବାଶ୍ରମର ବାର୍ଷିକ କ୍ରୀଡ଼ା

ଭୋଗରାଇ, ୨୧।୧୨ (ସମିସ): ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଟେଙ୍ଗରାମାରୀ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଘଡାଇ ସଭାରେ ଅଧ୍ୟକ୍ଷତା କରିଥଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିକାଶ ପାଣିଗ୍ରାହୀ ଯୋଗଦେଇ କ୍ରୀଡା ଉଭୟ ଶରୀର ଓ ମନକୁ ସନ୍ତୁଳିତ ଓ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ବୋଲି କହିବା ସହ ଛାତ୍ରଛାତ୍ରୀ ଶୃଙ୍ଖଳିତ, ସମୟାନୁବର୍ତ୍ତି ଓ ଗୁରୁ ଭକ୍ତି ବିନା ଉଜ୍ଜ୍ୱଳ ଭବିଷ୍ୟତ ଅସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରତିନିଧି ଅଶୋକ ସାହୁ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟୟନ ସହିତ କ୍ରୀଡାର ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ହେମନ୍ତ ପଣ୍ଡା ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣକରିଥଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

● ବାଗୁଡ଼ିରେ ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ

## ଫାଇନାଲରେ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ




ସୋର,୨୧।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୭ ତମ ସର୍ବଭାରତୀୟ ମହାବୀର କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ୟୁନିଅନ ସ୍ପୋର୍ଟିଂ କଟକକୁ ହରାଇ ୟୁନାଇଟେଡ଼୍ ଇଲେଭେନ ଗଞ୍ଜାମ ଫାଇନାଲରେ ପ୍ରବେଶ କରିଛି। ଆଜିର ପ୍ରଥମ ସେମିଫାଇନାଲ ମ୍ୟାଚରେ ୟୁନିଅନ ସ୍ପୋର୍ଟିଂ କଟକ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅତିଫ ଅସଲମ ୨୪ ବଲରୁ ୪୧ ରନ ସଂଗ୍ରହ କରିଥିବା ବେଳେ ଗଞ୍ଜାମ ବୋଲର ପ୍ରକାଶ ବାରିକ ୫.୪ ଓଭର ବୋଲିଂ କରି ୨୬ ରନ ଦେଇ ୫ଟି ଉଇକେଟ ଦଖଲ କରିଥିଲେ। ଜବାବରେ ଗଞ୍ଜାମ ୧୬.୩ ଓଭରରେ ୩ ଉଇକେଟ ହରାଇ ୧୪୫ ରନ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ କେ. ଈଶ୍ୱର ପ୍ରସାଦ ୫୨ ବଲ ଖେଳି ୭୮ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବନ୍ଦେମାତରମ କଲଚୁରାଲ ଆସୋସିଏସନର ସମ୍ପାଦକ ଅଜିତ ନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଓସିଏ ଲେଭୁଲ ଅମ୍ପାୟାର ଦେବବ୍ରତ ଦାସ ଏବଂ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିବା ବେଳେ ସ୍କୋରର ଥିଲେ ଅକ୍ଷୟ ଜେନା ଏବଂ ଜନ୍ମେଜୟ ବିନ୍ଧାଣି। ଅନ୍‌ଲାଇନ ସ୍କୋରର ଥିଲେ ବିଶ୍ୱନାଥ ଜେନା। ଏହି ମ୍ୟାଚକୁ ମାନସ ଜେନା, ଶ୍ରୀକାନ୍ତ ମଲ୍ଲିକ, ମାନସ ବେହେରା, ସତ୍ୟବ୍ରତ ଶଙ୍ଖୁଆ, ସନାତନ ବାରିକ, ଉତ୍ତମ ବେହେରା, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଜେନା, ପ୍ରତାପ ମଲ୍ଲିକ, ରମାକାନ୍ତ ମଲ୍ଲିକ, ଦେବାଶିଷ ପ୍ରିୟଦର୍ଶୀ, ଜଗତଜୀବନ ଦାସ, ହରେକୃଷ୍ଣ ମଲ୍ଲିକ, ହିତେଶ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଏବଂ ଇଂଜିପୁର ଜାଗୁଲାଇ କ୍ରିକେଟ କ୍ଲବ, କଟକ ମଧ୍ୟରେ ଅନୁଷ୍ଠିତ ହେବ।

## ଗଜସାଥୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର




ନୀଳଗିରି, ୨୧।୧୨ (ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୀଳଗିରି ବନ୍ୟଜୀବ ବନାଞ୍ଚଳ ବାଲେଶ୍ୱର ବନଖଣ୍ଡ ଆନୁକୂଲ୍ୟରେ ଗଜସାଥୀମାନଙ୍କର ଦକ୍ଷତାବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ଜାମୁଡିହା ସ୍ଥାୟୀ ଚାରାବିତରଣ କେନ୍ଦ୍ରଠାରେ ସ୍ଥାନୀୟ ରେଞ୍ଜ ଅଧିକାରୀ ମନୱର୍ ଖାଁଙ୍କ ନେତୃତ୍ୱରେ ନୀଳଗିରି ରେଞ୍ଜ ଅଧିନସ୍ଥ ପ୍ରାୟ ୧୪୫ଜଣ ଗଜସାଥୀ ଉକ୍ତ ତାଲିମ ଶିବିରରେ ଯୋଗଦେଇଥିଲେ। ମୁଖ୍ୟତଃ ହସ୍ତୀ ପରିଚାଳନା, ବନାଞ୍ଚଳବାସୀଙ୍କୁ ହସ୍ତୀ ଆଗମନ ସମୟରେ କିପରି ନିଜକୁ ସୁରକ୍ଷିତ ରହିବେ, ବନ୍ୟସମ୍ପଦ ସୁରକ୍ଷା, ଜଙ୍ଗଲ ନଷ୍ଟ ନ କରି ପର୍ଯ୍ୟାପ୍ତ କିପରି ହାତୀମାନଙ୍କର ଖାଦ୍ୟଭାବ ନ ହେବ ସେଥିପାଇଁ ଏହି ଶିବିରରେ ଉପସ୍ଥିତ ଗଜସାଥୀ ମାନଙ୍କୁ ମାର୍ଗଦର୍ଶନ ସହିତ ତାଲିମପ୍ରଦାନ କରାଯାଇଥିଲା। ରେଞ୍ଜଅଧିକାରୀ ମନୱାର୍ ଖାଁଙ୍କ ସମେତ ପୂର୍ବତନ ୱାର୍ଡେନ୍ ପ୍ରକାଶ ମର୍ଦ୍ଦରାଜ ଓ ପୂର୍ବତନ ବନପାଳ ଶ୍ରୀଧର ଲେଙ୍କା ଏହି ଶିବିରରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ଗଜସାଥୀମାନଙ୍କୁ ବିଭାଗ ତରଫରୁ ଜୋତା, ଟର୍ଚ୍ଚ, ପାଣି ବୋତଲ ସହ ଡ୍ରେସ ପ୍ରଦାନ କରାଯାଇଥିଲା।

## ଅଲ୍‌ଚିକି ଲିପିର ଶତବାର୍ଷିକୀ ଉତ୍ସବ




କାଳିପଦା, ୨୧।୧୨ (ସମିସ): ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତ ଡିଗ୍ରୀପାହି ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ ପକ୍ଷରୁ ଅଲଚିକି ଲିପିର ଶତବାର୍ଷିକୀ ଉତ୍ସବ ପାଳିତ ହୋଇ ଯାଇଛି। ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟକ ଭାବରେ ଯୋଗଦେଇ ନବ ନିର୍ମିତ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏହି ଅବସରରେ ସାନ୍ତାଳୀ ଭାଷା ଅଲଚିକି ଶିକ୍ଷା ଓ ସଂସ୍କୃତି ସଂରକ୍ଷଣ ବିଷୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ କୁଳପତି ପ୍ରଫେସର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଭାଷା ହିଁ ପ୍ରତ୍ୟେକ ଜାତିର ଜୀବନୀ ଶକ୍ତି ବୋଲି କହିଥିଲେ। ଲିପି ଓ ଭାଷାର ଉତ୍ପତ୍ତି ଓ ବିକାଶ ସମ୍ପର୍କରେ ସେ ମଧ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା କଲେଜର ପ୍ରଫେସର ନେହା ମୁର୍ମୁ ଯୋଗ ଦେଇ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସରୋଜ କୁମାର ସରେନ, ସୁନ୍ଦର ମୋହନ ସରେନ, ବାବୁଲୁ ମୁର୍ମୁ, ରକେଟ ମୁର୍ମୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡ. ଦାକ୍ଷିନ ମୁର୍ମୁ ଉତ୍ସବରେ ସଭାପତିତ୍ୱ କରିଥିଲେ। ସୁମିତା ମୁର୍ମୁ, ଜ୍ୟୋସ୍ନାରାଣୀ ହାଁସଦା, ପୀଛ କିସ୍କୁ, ଦୁର୍ଗା ମୁର୍ମୁ, ଚନ୍ଦ୍ରମୋହନ ହାସଦା, କାର୍ତ୍ତିକ ମୁର୍ମୁ, ଚରଣ ସରେନ, ଅନନ୍ତ ମାର୍ଣ୍ଡି, ରବି ମୁର୍ମୁ, ଟୁକୁ ମାର୍ଣ୍ଡି, ରାଳ ଟୁଡୁ, ବରେନ୍ଦ୍ର ମୁର୍ମୁ, ଗୁରୁଭା ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଭିଲୁ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ

ଭୋଗରାଇ, ୨୧।୧୨(ସମିସ) : ଭୋଗରାଇ ବ୍ଲକ ରସଲପୁର ଗ୍ରାମର ମା' ଅନ୍ନପୂର୍ଣ୍ଣା ସାର୍ଭ ସୋସାଇଟି ତରଫରୁ ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମର କିଛି ଅସହାୟ ମହିଳା ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସମସ୍ତ ମହିଳାଙ୍କୁ ସାଲ ପ୍ରଦାନ କରାଯିବା ସହ ଜଣେ ଟ୍ରଲିରିକ୍ସା ଚାଳକଙ୍କୁ ଜ୍ୟାକେଟ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସୋସାଇଟିର ସଭାପତି ସୁଶାନ୍ତ ପରିଡା, ସମ୍ପାଦକ ମନୋଜ ପଣ୍ଡା, କୋଷାଧକ୍ଷ ଲମ୍ବୋଦର ଜେନା, ଯଦୁନାଥ ଜେନା, ପ୍ରଶାନ୍ତ ଜେନା, ପବନ ପାତ୍ର, ନିନୁ ଉପାଧ୍ୟାୟ, କାର୍ତ୍ତିକ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

● ନେପାଳରେ ଅନ୍ତର୍ଜାତୀୟ ପୋମସେ ସେମିନାର

## ଭାଗନେଲେ ସୋରର ଟାଏକ୍ୱୋଣ୍ଡୋ କୋଚ୍ ଅତାଉଲ୍ଲା ଖାନ

ସୋର, ୨୧।୧୨(ସମିସ): ସୋର ଟାଏକ୍ୱୋଣ୍ଡୋ ଏକାଡେମୀ କୋଚ ଅତାଉଲ୍ଲା ଖାନ ନେପାଳରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ପୋମସେ ସେମିନାର ଓ ସେଲ୍ଫ ଡିଫେନ୍ସ ଟ୍ରେନିଂରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ନେପାଳ କାଠମାଣ୍ଡୁ ସହରରେ ଥିବା ନେସନାଲ ସ୍ପୋର୍ଟ୍ସ କାଉନସିଲ କଭର୍ଡ ହଲ ରଙ୍ଗଶାଳାରେ ଅନୁଷ୍ଠିତ ସେମିନାରରେ କୋରିଆରୁ ଆସିଥିବା ଗ୍ରାଣ୍ଡମାଷ୍ଟର ମିନ ହକ ସେଓ ଟ୍ରେନିଂ ଦେଇଥିଲେ। ଏଥିରେ ନେପାଳ, ଭାରତ, ସାଉଥ କୋରିଆ, ଆମେରିକା, ବାଂଲାଦେଶ, ଅଷ୍ଟ୍ରେଲିଆ, ମାଲେସିୟା, ମାଲଡିଭ, ୟୁଏସଏ, ସିଙ୍ଗାପୁର ଇତ୍ୟାଦି ଦଶଟି ଦେଶର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ଅତାଉଲ୍ଲା କୋରିଆ ଗ୍ରାଣ୍ଡ ମାଷ୍ଟର ମିନ ହକ ସେଓଙ୍କ ନିକଟରୁ ଟ୍ରେନିଂ ନେଇ ସାର୍ଟିଫିକେଟ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ସୋର ବିଧାୟକ ମାଧବ ଧଡ଼ା ଏବଂ ବାଲେଶ୍ୱର ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନର ସଭାପତି ଅବଦୁଲ ଉଦୁତ ଖାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର, ୨୧।୧୨ (ସମିସ) : ଜଳେଶ୍ୱର ସହରର ସର୍ବପୁରାତନ ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସ ସଭାପତିତ୍ୱ କରି ସୂଚନା ଓ ଉତ୍ସବର ଆବଶ୍ୟକତା ସଂପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ପୂର୍ତ୍ତବିଭାଗ) ଇଂ ମାନସ ରଂଜନ ସେଠୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ଶିକ୍ଷାର୍ଥୀମାନେ ଭାରତୀୟ ସଂସ୍କୃତି, ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ପ୍ରାକ୍ତନ ଅଧକ୍ଷ ବିପିନ ବିହାରୀ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ପ୍ରଧାନ, ସଂଜୟ ଦାସ, ଏସ୍‌ଏମ୍‌ସି ସଭାପତି ତାପସ ରଂଜନ ଗିରି ପ୍ରମୁଖ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାର୍ଥୀମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇଥାଏ ବୋଲି କହିଥିଲେ। ସୁଜନ କୁମାର ପଣ୍ଡା ଓ ସଂଗୀତା ଭୂୟାଁ ମଞ୍ଚ ଆହ୍ୱାନ କରିଥିବାବେଳେ ଅନିତା ଦେ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଂଜିତା ଦାସ, ଲିପିକା ଭଂଜ, ନନ୍ଦନୀ ପାଣିଗ୍ରାହୀ, ସବିତା ସିଂ, ଫିନ ହେମ୍ବ୍ରମ, ସ୍ୱାଗତିକା ଦାସ, ନମ୍ରତା ପାଣିଗ୍ରାହୀ, ଝେଲମ ରାଣୀ ପାତ୍ର, ସୁବ୍ରତ ରାଜ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ସାହିତ୍ୟ ସାଧନା ଅତି ମାନବୀୟ ସତ୍ତାକୁ ଖୋଜିଥାଏ

କାଳିପଦା, ୨୧।୧୨ (ସମିସ)



**'ଶବ୍ଦ କୁଞ୍ଜ'ର ସାରସ୍ୱତ ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ**

ସାହିତ୍ୟ ସାଧନା ଏକ ସୂକ୍ଷ୍ମ କଳା। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଏହା ଅପରିହାର୍ଯ୍ୟ। ସାହିତ୍ୟ ସାଧନା ଜଣେ ବ୍ୟକ୍ତିକୁ ତାର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରେ। ସାହିତ୍ୟ ସାଧନା ଅତି ମାନବୀୟ ସତ୍ତାକୁ ଖୋଜି ଥାଏ। ଈଶ୍ୱରୀୟ ଅନୁଭବ ଆଡକୁ ଗତି କରେ ବୋଲି ରବିବାର ଚଉମୁଖ ସମୁଦ୍ର ବେଳାଭୂମିରେ 'ଶବ୍ଦକୁଞ୍ଜ'ର ସାରସ୍ୱତ ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ ପାଳନ ଅବସରରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ଡିଆଇ ତଥା ବିଶିଷ୍ଟ ଖ୍ୟାତି ସମ୍ପନ୍ନ ଲେଖକ ସୁବାସ ଚନ୍ଦ୍ର ଚୈଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସୁସାହିତ୍ୟିକ ଜଗତବନ୍ଧୁ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ତଥା କବି ହରିଶ୍ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ କଥାକାର ନିବାରଣ ଜେନା, ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ. ରତ୍ନାକର ସିଂ, ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ନାଟ୍ୟକାର ଦେବବ୍ରତ ଦେ, ଅଧାପକ ଡ. ସୁକାନ୍ତ କୁମାର ଗିରି, ଉପସଭାପତି ରବୀନ୍ଦ୍ର କୁମାର ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଧୁନିକ ଯୁଗରେ ମାତୃଭାଷା ଓ ସାହିତ୍ୟର ଆଦର ସମାଜରେ ଧିରେ ଧିରେ କମିଯାଉଥିବା ସମୟରେ ଶବ୍ଦକୁଞ୍ଜ ଭଳି ସାହିତ୍ୟ ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମଧ କହିଥିଲେ। ସାହିତ୍ୟ ସାଧନା କେବଳ କବି ବା ଲେଖକ ତିଆରି କରେ ନାହିଁ, ନିଜର ପରିଚୟ ମଧ ସୃଷ୍ଟି କରିପାରେ। ଶବ୍ଦକୁଞ୍ଜର ପ୍ରତିଷ୍ଠାତା କାର୍ତ୍ତିକ ସେଠୀ ସ୍ୱାଗତ ଭାଷଣ ଏବଂ ବିବରଣୀ ପ୍ରଦାନ କରିଥିବା ବେଳେ ଚଉମୁଖର କୁନି ଗାୟିକା ଶୁଭଶ୍ରୀ ବାରିକ୍, କ୍ରିଷ୍ଣାରାଣୀ ପ୍ରଧାନ, ରାଜଶ୍ରୀ ବାରିକ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଥିଲେ। ସାହିତ୍ୟରେ ବିଶେଷ ଅବଦାନ ପାଇଁ ୧୨ ଜଣ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନ ଅଧିବେଶନରେ ସାମ୍ପ୍ରତିକ ସାହିତ୍ୟର ବିବିଧ ଦିଗ ଓ ଦିଗନ୍ତ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଥିଲା। ଏଥିରେ ଶ୍ରୀହରି ମଣ୍ଡଳ ଅଧକ୍ଷତା କରିଥିବାବେଳେ ଅନିରୁଦ୍ଧ ପାତ୍ର, ଅଧାପକ ନିରଞ୍ଜନ ବେହେରା, ସନ୍ୟାସୀ ବେହେରା, ନଳିନୀକାନ୍ତ ପାଢ଼ୀ, ସୁଷମା ଦତ୍ତ, ବୀର ମାଧବ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ମୁଖପତ୍ର ଶବ୍ଦ କୁଞ୍ଜ ଉନ୍ମୋଚିନ କରିଥିଲେ। ବସୁମତୀ ସେଠୀ, ପୂର୍ଣ୍ଣଇନ୍ଦୁ ହାଜିରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

